# ସୋଽହଂ

କବି ରଘୁନାଥ ଦାସ

ମୁଁ ଏକ କବିତା-

କ୍ଷଣିକର ନିବେଦନ;

ଭାବ ଉତ୍ସ ସେ ତ,

ଜୀବନର ପ୍ରସ୍ରବଣ

ମୁଁ ଗୋଟିଏ ଶିଖା

ମ୍ନ ଏକ ପ୍ରଦୀପର;

ସୂର୍ଯ୍ୟର ତନୁଜ

ମୁହିଁ ତେଜସ୍ବୀ ଭାସ୍ବର ।

ମୁଁ ଏକ ନକ୍‌ସା

ଫର୍ଦ୍ଦେ କାଗଜରେ ଟଣା,

ଫୁଟିଛି ମୋଠାରେ

ଦେଖ ସଂପୂର୍ଣ୍ଣ ଯୋଜନା ।

ମୁଁ ଏକ ବନ୍ଦନା

www.jataayu.org

# ସୋ'ହଂ

କବି ରଘୁନାଥ ଦାସ

ଧୂପ-ଦୀପ-ପୂଜାଫୁଲେ;

ବିଧୁର ଆତ୍ମା ମୋ

ପରଂବ୍ରହ୍ମ ଖୋଜିବୁଲେ ।

ମୁଁ ଏକ ମୂହୂର୍ତ୍ତ

ମହାକାଳ ଅନ୍ତହୀନ

ତହିଁରେ ଲୀନ ମୁଁ,

ଦୁହେଁ ଏକାତ୍ମ ଅଭିନ୍ନ ।

ମୁଁ ବିନ୍ଦୁ ଟୋପାଏ

କ୍ଷୁଦ୍ର ଅତି, ଅତି ଛାର

ମହାସିନ୍ଧୁ ବକ୍ଷେ

ଦୋଳେ ହୋଇ ଏକାକାର ।

ମୁଁ ଜାଣେ, ମୁଁ ଜାଣେ,

ଅସଂଖ୍ୟ ଅଟେ ଜନତା;

www.jatayu.org
Powered by Tekons

# ସୋଽହଂ

କବି ରଘୁନାଥ ଦାସ

ମୁଁ ତାର ପ୍ରତୀକ
ବିଶ୍ବର ନାଗରିକତା ।

ମୁଁ ଶିଶିରକଣା
ଶୋଇରହେ ଘାସ-ଶେଯେ,
ମୋ ପ୍ରାଣ ମୁକୁରେ
ଅନନ୍ତ ଆକାଶେ ବିଜେ ।

ମୁହିଁ ଗୋପବନ୍ଧୁ,
ସହସ୍ରେ ଛନ୍ତି ମୋ ଭଳି,
ମୋ ଲାଗି ବିରହୀ କୃଷ୍ଣ
ବାଏ ତା ମୂରଲୀ ।

ଅଣୁ ମୁହିଁ ଏକ
ବ୍ରହ୍ମାଣ୍ଡ ଯେ କୋଟି କୋଟି,
ଅନ୍ତରେ ମୋ ସ୍ଫୁରେ

www.jatayu.org

# ସୋହଂ

କବି ରଘୁନାଥ ଦାସ

ପୂର୍ଣ୍ଣତାର ଅନୁଭୂତି ।

ମୁଁ ଏକ ଆତ୍ମା,

ଦେହ ମୋର କାରାଗାର;

ମୋ ମଧ୍ୟେ ବିରାଜେ

ସେହି ସେ ଯେ ନିରାକାର ।

www.jatayu.org